# Visit of Stephen E. Biegun, Deputy Secretary of State of the United States of America (October 12-14, 2020)

October 13, 2020

## ଯୁକ୍ତରାଷ୍ଟ୍ର ଆମେରିକାର ଉପ ରାଷ୍ଟ୍ର ସଚିବ ଷ୍ଟିଫେନ୍ ଇ. ବିଗୁନଙ୍କର 12-14 ଅକ୍ଟୋବର 2020 ରେ ନୂଆଦିଲ୍ଲୀ ଗସ୍ତ

**ଅକ୍ଟୋବର** 13, 2020

ଯୁକ୍ତରାଷ୍ଟ୍ର ଆମେରିକାର ଉପ ରାଷ୍ଟ୍ର ସଚିବ ଷ୍ଟିଫେନ୍ ଇ. ବିଗୁନ 12-14 ଅକ୍ଟୋବର 2020 ରେ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ।

ତାଙ୍କର ଏହି ଗସ୍ତ ସମୟରେ ସେ 13 ଅକ୍ଟୋବର 2020 ରେ ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରିଙ୍ଗଲାଙ୍କ ସହ ଆଲୋଚନା କରିଥିଲେ। ସେମାନେ ରାଜନୈତିକ, ସୁରକ୍ଷା ଏବଂ ପ୍ରତିରକ୍ଷା, ଅର୍ଥନୈତିକ, ବାଣିଜ୍ୟିକ, ପ୍ରଯୁକ୍ତିବିଦ୍ୟା ଏବଂ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗ ସମେତ ଭାରତ-ଆମେରିକାର ବିସ୍ତୃତ ବିଶ୍ୱ ସ୍ତରୀୟ ରଣନୀତିକ ଭାଗିଦାରୀ ବା କମ୍ପ୍ରିହେନସିଭ ଗ୍ଲୋବାଲ୍ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ଅନ୍ତର୍ଗତ ସମସ୍ତ ଯୋଗଦାନର ସମୀକ୍ଷା କରିଥିଲେ। ପାରସ୍ପରିକ ଆଗ୍ରହର ଅନେକ ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ସେମାନେ ମତ ବିନିମୟ କରିଥିଲେ। ମିଳିତ ଜାତିସଂଘରେ ସହଯୋଗକୁ ମଜବୁତ କରିବାର ଉପାୟ ଉପରେ ବିଶେଷ ଭାବରେ 2021-2022 ଅବଧି ପାଇଁ ଭାରତର ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟତା ସମୟରେ ସେମାନେ ଆଲୋଚନା କରିଥିଲେ।

ତାଙ୍କର ଏହି ଗସ୍ତ ସମୟରେ ଆମେରିକାର ଉପ ରାଷ୍ଟ୍ର ସଚିବ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ତଥା ଜାତୀୟ ସୁରକ୍ଷା ସଲାହକାରଙ୍କୁ ଭେଟିଥିଲେ ଏବଂ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋଚନା କରିଥିଲେ ଏବଂ ଏହି ଅଞ୍ଚଳର ବିକାଶ ଉପରେ ମତ ବିନିମୟ କରିଥିଲେ।

ଆମେରିକାର ଉପ ରାଷ୍ଟ୍ର ସଚିବ ଓ ଭାରତର ବୈଦେଶିକ ସଚିବ ବାର୍ଷିକ ଭାରତ-ଆମେରିକା ଭର୍ଚୁଆଲ୍ ମଞ୍ଚ, ଏକ ଟ୍ରାକ୍ 1.5 ଡାଇଲଗ, ର ଉଦ୍ଘାଟନୀ ଅଧିବେଶନରେ ଅଂଶଗ୍ରହଣ କରିଥିଲେ, ଏବଂ କୋଭିଡ-19 ମହାମାରୀର ମୁକାବିଲା ପାଇଁ ଚାଲିଥିବା ଭାରତ-ଆମେରିକା ସହଯୋଗ ବିଷୟରେ ତଥା ଦ୍ୱିପାକ୍ଷିକ ସମ୍ପର୍କ ଏବଂ ବହୁପକ୍ଷୀୟ ମଞ୍ଚରେ ସହଯୋଗକୁ ମଜବୁତ କରିବା ବିଷୟରେ କଥା ହୋଇଥିଲେ।

ଭାରତ-ଆମେରିକା ରଣନୀତିକ ଭାଗିଦାରୀକୁ ଆହୁରି ସୁଦୃଢ କରିବାର ପ୍ରତିବଦ୍ଧତା ସହିତ ବିଭିନ୍ନ ଦ୍ୱିପାକ୍ଷିକ ବିଷୟ ଉପରେ ଆଲୋଚନା ପାଇଁ ଆମେରିକାର ଉପ ରାଷ୍ଟ୍ର ସଚିବ ବିଗୁନଙ୍କ ଏହି ଗସ୍ତ ଏକ ମହତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିଥିଲା।

ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ପ୍ରସଙ୍ଗ ସମେତ ପାରସ୍ପରିକ ଆଗ୍ରହର ବିଷୟ ଉପରେ ଉଚ୍ଚ ସ୍ତରୀୟ ଯୋଗଦାନ ଜାରି ରଖିବାକୁ ଉଭୟ ପକ୍ଷ ଅପେକ୍ଷାରତ ଅଛନ୍ତି।

**ନୂଆଦିଲ୍ଲୀ**
**ଅକ୍ଟୋବର** 13, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.